**Message Dated :- 23/07/2015**

**CBS ତରଫରୁ ସୂଚନା :-**

୧. ଆସନ୍ତା ରବିବାର ତା ୨୬, ଜୁଲାଇ, ୨୦୧୫ ରିଖ ଦିନ ରାତି ୮ ଟାରୁ ପ୍ରସାରଣ କରାଯିବ "ମନକୀ ବାତ" ଶୀର୍ଷକରେ ଭାରତର ପ୍ରଧାନ ମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦିଙ୍କ ମନର କଥା ର ଓଡିଆ ଭାଷା ରୂପାନ୍ତର ।

ଏହି କାର୍ଯ୍ୟକ୍ରମର ପୂର୍ବରୁ ୨ ମିନିଟର commercial ମଧ୍ୟ ପ୍ରସାରଣ କରାଯିବ, ଯାହାକି ସମସ୍ତ ଆକାଶବାଣୀ କେନ୍ଦ୍ରମାନଙ୍କ ପାଇଁ booking ହୋଇଅଛି ।

ତେଣୁ କେନ୍ଦ୍ରମାନଙ୍କୁ ଅନୁରୋଧ କାର୍ଯ୍ୟକ୍ରମଟିକୁ commercial spot ସହିତ ଆକାଶବାଣୀ କଟକରୁ relay କରିବେ ୭.୫୮ ରୁ ।

୨. ଆସନ୍ତା ଶନିବାର ତା ୨୫ ଜୁଲାଇ, ୨୦୧୫ ରିଖ ଦିନ ଆକାଶବାଣୀ କଟକ କେନ୍ଦ୍ରରୁ ରାତି ୭ ଟା ୩୦ ମିନିଟରେ ପ୍ରସାରଣ ହେବାକୁ ଥିବା **"ବନାନୀ"** କାର୍ଯ୍ୟକ୍ରମରେ ଏକ ଫୋନ-ଇନ କାର୍ଯ୍ୟକ୍ରମ ପ୍ରସାରଣ କରାଯିବ, ଯାହାର ଶୀର୍ଷକ ରହିଛି – **"ଯୁଗ୍ମ ବନ ପରିଚାଳନା"** ।

ସେହି ସମୟରେ ବିଶେଷଜ୍ଞ ମାନେ ଆମ ଷ୍ଟୁଡିଓରେ ଉପସ୍ଥିତ ରହି ଶ୍ରୋତାମାନଙ୍କର କାର୍ଯ୍ୟକ୍ରମଟିର ବିଷୟବସ୍ତୁ ସମ୍ବନ୍ଧୀୟ ସମସ୍ତ ପ୍ରଶ୍ନର ଉତ୍ତର ଦେବେ, ଟେଲିଫୋନ ମାଧ୍ୟମରେ ।

**ଟେଲିଫୋନ ନମ୍ବର ଗୁଡିକ ହେଲା :- ୦୬୭୧ – ୨୩୦୩୧୪୬ ଏବଂ ୦୬୭୧ – ୨୩୦୩୧୪୯ ।**

ଆକାଶବାଣୀର ସମସ୍ତ କେନ୍ଦ୍ର ସେହିଦିନ ସେହି ସମୟରେ କାର୍ଯ୍ୟକ୍ରମଟିକୁ ଆକାଶବାଣୀ କଟକ କେନ୍ଦ୍ରରୁ ରିଲେ କରି ପ୍ରସାର କରିବେ ଏବଂ କାର୍ଯ୍ୟକ୍ରମଟିର ସୂଚନା ଯଥେଷ୍ଟ ଆଗରୁ ଦେବେ, ଯାହାଦ୍ୱାରାକି ଏହି କାର୍ଯ୍ୟକ୍ରମଟିରେ ଅଧିକରୁ ଅଧିକ ଶ୍ରୋତାବନ୍ଧୁ ସାମିଲ ହୋଇ ପାରିବେ ।

୩. ଆସନ୍ତା କାଲି ଅର୍ଥାତ ଜୁଲାଇ ୨୪ ତାରିଖ ଅପରାହ୍ନ ୨ଟା ୪୫ ମିନିଟ ସମୟରେ, ଆକାଶବାଣୀ କଟକ କେନ୍ଦ୍ରରୁ ପ୍ରସାରିତ ହେବ ୧୫ ମିନିଟର ପ୍ରାୟୋଜିତ କାର୍ଯ୍ୟକ୍ରମ **"ମୀନାର ଦୁନିଆ"** ।

ଏହି କାର୍ଯ୍ୟକ୍ରମଟିକୁ ଆକାଶବାଣୀର ସମସ୍ତ କେନ୍ଦ୍ର ରିଲେ କରି ପ୍ରସାର କରିବେ ।

କେନ୍ଦ୍ରମାନଙ୍କ ସୁବିଧା ପାଇଁ ଆମେ କାର୍ଯ୍ୟକ୍ରମଟିକୁ feed କରୁଛୁ, ଦୟାକରି record କରନ୍ତୁ ।